# କଙ୍କାଳ କପ, ଟି ଦିନେଶ ଓ ଭେଙ୍କଟେସ ଚମ୍ପିୟନ

ଲଖନପୁର,ତା୨୧।୨-ଇବତାପଜ ବିଦ୍ୟୁତକେନ୍ଦ୍ର ପରିସରରେ ଚଳିତ ବର୍ଷ ସର୍ବଭାରତୀୟ କଙ୍କାଳ କପ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଭାଇଜାଗର ଟି ଦିନେଶ ଓ ଭେଙ୍କଟେସଙ୍କ ଯୋଡି ରାଞ୍ଚିର ସଚିନ ଓ ସାହିଲଙ୍କ ଯୋଡିକୁ ପରାଜିତ କରି ଚମ୍ପିୟନ ହୋଇଥିଲେ । ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ହୋଇଥିବା ପ୍ରତିଯୋଗିତାରେ ଭାଇଜାଗର କେ.ଟି.ଚୈତନ୍ୟ ଓ ରବିରାଜଙ୍କ ଯୋଡି ରାଞ୍ଚିର ସଫି ଆକ୍ରମ ଓ ଗଦ୍ରଜିତ୍ ଝାଙ୍କ ଯୋଡିକୁ ପରାସ୍ତ କରି ତୃତୀୟସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ଝାରସୁଗୁଡା ଜିଲାର ଜୁନିୟର ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱପ୍ନିଲ ସାହୁ ଓ ସ୍ୱାଗତ ନାୟକଙ୍କ ଯୋଡି ବନ୍ଧବାହାଲର ଏ.ପ୍ରଧାନ ଓ ସୁମିତ ମେହେରଙ୍କୁ ପରାଜିତ କରି ଚମ୍ପିୟନ ହୋଇଥିଲେ । ମଙ୍ଗଳବାର ଦିନର ପ୍ରତିଯୋଗିତାର ଉଦ୍‌ଘାଟନ ଓପିଜିସିର ଡାଇରେକ୍ଟର ଇନ୍ଦ୍ରନୀଲ ଦତ୍ତ କରିଥିବାବେଳେ କଙ୍କାଳକପର ଆୟୋଜକ କମିଟିର ସଭାପତି ଡ.ବିଜୟଲାଲ ବିଶ୍ୱାଳ ଓ ସମ୍ପାଦକ ବିଜୟ ମିଶ୍ର ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଚମ୍ପିୟନ ଯୋଡିକୁ ୧୫ହଜାର ଟଙ୍କା ଓ ଉପବିଜେତା ଯୋଡିକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ।